COURT OF THE TAHASILDAR
BANSPAL

# ତହସିଲଦାରଙ୍କ କାର୍ଯ୍ୟାଳୟ,ବାଂଶପାଳ

## ଇସ୍ତାହାର

ରାଜସ୍ୱ ବିବିଧ ମାମଲା ସଂଖ୍ୟା ୬୮/୨୦୨୫

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ନିମ୍ନ ତଫସିଲ ଭୁକ୍ତ ସରକାରୀ ଜମି ଉପରେ ଅବସ୍ଥିତ ଥିବା **ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁମୁଣ୍ଡି** କୁ ଗୋଷ୍ଠୀ ଶିକ୍ଷା ଅଧିକାରୀ, ବାଂଶପାଳଙ୍କ ଆବେଦନ କ୍ରମେ **ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଓଡିଶା ମାର୍ଫତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, କୁମୁଣ୍ଡି** ନାମରେ ରେକର୍ଡ କରିବାପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି ।ଉକ୍ତ ଜମିକୁ ଲିଜ ଉପଯୋଗୀ କରିବା ପାଇଁ ଏହାର ମନ୍ତବ୍ୟ ଘରେ ଥିବା ଟିପ୍ପଣୀ ." **ଘର, କୁମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ"** କୁ ଉଚ୍ଛେଦ କରିବା ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ପ୍ରଦାନ କରିଥିବାରୁ ବେସଂରକ୍ଷଣ କରିବା ପାଇଁ ପଦକ୍ଷେପ ନିଆଯାଇଛି ଓ ଖାତା ପରିବର୍ତ୍ତନ ନିମନ୍ତେ ନିମ୍ନୋକ୍ତ ପ୍ରସ୍ତାବିତ ତଫସିଲ ମତେ ପ୍ରସ୍ତାବନା ରହିଅଛି ।

ଏହା ଦ୍ୱାରା ଯଦି କୌଣସି ବ୍ୟକ୍ତି ବା ଅନୁଷ୍ଠାନର ସ୍ୱାର୍ଥ ହାନୀ ଘଟୁଥାଏ, ତେବେ ସମ୍ପୃକ୍ତ ବ୍ୟକ୍ତି ନିଜେ ବା ଅନୁଷ୍ଠାନର କର୍ମକର୍ତ୍ତା ନିଜେ ବା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଇସ୍ତାହାର ପ୍ରକାଶନର ୧୫(ପନ୍ଦର) ଦିନ ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ ସମ୍ମୁଖରେ ଉପସ୍ଥିତ ରହି ୨୦ ( କୋଡିଏ) ଟଙ୍କାର କୋର୍ଟ ଫି ସଂଲଗ୍ନ କରି ଅଭିଯୋଗ ପତ୍ର ଦାଖଲ କରି ପାରିବେ, ନିର୍ଦ୍ଧାରିତ ତାରିଖ ପରେ କୌଣସି ଆପତ୍ତି ଦରଖାସ୍ତ ଗ୍ରହଣ କରାଯିବ ନାହିଁ ।

## ତଫସିଲ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ରକବା | କିସମ | ମନ୍ତବ୍ୟ |
|---|---|---|---|---|---|---|
| କୁମୁଣ୍ଡି (ଖ) | ୧୫୯ (ରକ୍ଷିତ) | ୬୭୯ | ହେ.୦.୨୮୦୦ | ହେ.୦.୨୮୦୦ | ଘରବାରି | ଘର, କୁମୁଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ |

## ପ୍ରସ୍ତାବିତ ତଫସିଲ

| ମୌଜା | ଖାତା ନଂ | ପ୍ଲଟ ନଂ | ମୋଟ ରକବା | ପ୍ରସ୍ତାବିତ ରକବା | ପ୍ରସ୍ତାବିତ କିସମ |
|---|---|---|---|---|---|
| କୁମୁଣ୍ଡି (ଖ) | ୨୬୧ (ଆ.ଯୋ.ଅ) | ୬୭୯ | ହେ.୦.୨୮୦୦ | ହେ.୦.୨୮୦୦ | ଘରବାରି |

ତହସିଲଦାର, ବାଂଶପାଳ
ତହସିଲଦାର, ବାଂଶପାଳ

ଏହାର ଏକକିତା ନକଲ ସମ୍ପୃକ୍ତ ଗ୍ରାମର ଗ୍ରାମବାସୀଙ୍କ ଅବଗତି ନିମନ୍ତେ ଗ୍ରାମରେ ଡାକ ବାଜି ଯନ୍ତ୍ର ଦ୍ୱାର ପ୍ରଚାର ଓ ପ୍ରସାର/ ଅନ୍ୟ ଏକକିତା ନକଲ ସରପଞ୍ଚ, କୁମୁଣ୍ଡି ଗ୍ରାମ ପଞ୍ଚାୟତଙ୍କ ଅବଗତି ନିମନ୍ତେ ଦିଆଗଲା / ଏକକିତା ନକଲ ଜିଲ୍ଲା ୱେବସାଇଟ (https://kendujhar.odisha.gov.in) ରେ ଏବଂ ଏକକିତା ନକଲ ତହସିଲ ଅଫିସ କାର୍ଯ୍ୟାଳୟ, ବାଂଶପାଳ ନୋଟିସ ବୋର୍ଡ ରେ ପ୍ରକାଶନ ପାଇଁ ପ୍ରେରଣ କରାଗଲା।

ତହସିଲଦାର, ବାଂଶପାଳ
ତହସିଲଦାର, ବାଂଶପାଳ